ସକାଳ THE SAKALA



# ମହାନଦୀ ପାର୍ଶ୍ୱ ଗାଁରେ ନାହିଁ ପିଇବା ପାଣି

ଅନୁଗୋଳ,୫ ।୬(ସମିସ)





ଗାଁ ନିକଟରେ ବହି ଯାଇଛି ମହାନଦୀ। ହେଲେ ଗାଁରେ ନାହିଁ ଟୋପାଏ ପାଣି। ପିଇବା ପାଣି ମୁନ୍ଦିଏ ପାଇଁ ତହଳ ବିକଳ ହେଉଛନ୍ତି ଗ୍ରାମବାସୀ। ସରକାରଙ୍କ ତରଫରୁ ପାନୀୟ ଜଳ ଯୋଗାଣ ପାଇଁ କରାଯାଇଥିବା ସବୁ ଯୋଜନା ଫେଲ୍ ମାରିଛି। ଏବେ ଗାଁଠାରୁ ଦୂରରେ ଥିବା ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ରାତି ପାହିଲେ ଗ୍ରାମବାସୀଙ୍କ ପାଣି ଚିନ୍ତା। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଧୁ ଧୁ ଖରାରେ ଚୁଆରୁ ପାଣି ଆଣୁଛନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ସତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଭିତରେ ଥିବା କରଡ଼ାପଡ଼ା ଗାଁରେ।

ଗୋଟିଏ ପଟେ ମହାନଦୀର ବିସ୍ତୃତ ନୀଳ ଜଳ ରାଶି ଓ ଅନ୍ୟପଟେ ଘଞ୍ଚ ଜଙ୍ଗଲରେ ଭରପୂର ପାହାଡ଼ ଓ ମଝିରେ ଅବସ୍ଥିତ କରଡ଼ାପଡ଼ା ଗାଁ। ଏହି ଗାଁରେ ପ୍ରାୟ ୧୨୦ ପରିବାରର ୬ଶହରୁ ଅଧିକ ଲୋକ ବାସ କରନ୍ତି। ଲୋକେ ଚାଷବାସ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ମୂଲମଜୁରି କରି ଚଳନ୍ତି। ସେମାନଙ୍କର ପ୍ରମୁଖ ସମସ୍ୟା ହେଉଛି ପାନୀୟ ଜଳାଭାବ। ଖରାଦିନେ ଜଳ ସମସ୍ୟା ଉତ୍କଟ ରୂପ ନେଲାଣି। ଗାଁରେ ଥିବା ୧୦ରୁ ଅଧିକ ନଳକୂଅ ଅଚଳ ହୋଇପଡ଼ିଛି। ଦୁଇଟି ଖୋଲା କୂଅ ସମ୍ପୂର୍ଣ୍ଣ ଶୁଖିଯାଇଛି। ସରକାରଙ୍କ ତରଫରୁ ପ୍ରାୟ ୫ ବର୍ଷ ପୂର୍ବେ ପାଇପ ଯୋଗେ ଜଳଯୋଗାଣ

**● ସରକାରଙ୍କ ସବୁ ଯୋଜନା ଫେଲ୍**
**● ନାଳର ଚୁଆ ପାଣି ପିଉଛନ୍ତି ଲୋକେ**

ପାଇଁ ବୋରୱେଲ ଖୋଳାଯାଇ ଟାଙ୍କି ନିର୍ମାଣ କରାଯାଇଥିଲା। ଗାଁ ଭିତରେ ପାଇପ ବିଛାଯାଇଛି। ହେଲେ ଖରାଦିନ ଆରମ୍ଭ ହୋଇଗଲେ ବୋରୱେଲ ଶୁଖିଯାଉଥିବାରୁ ଆଉ ଜଳ ଯୋଗାଣ ହୋଇପାରୁ ନାହିଁ। ଏସବୁ ସମସ୍ୟା ଦେଖି ଗ୍ରାମ୍ୟ ଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗ ତରଫରୁ ଟ୍ୟାଙ୍କର ଯୋଗେ ଲୋକଙ୍କୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ତାହା ବି ୪/୫ଦିନରେ ଥରେ ମିଳୁଛି। ତେଣୁ ଲୋକେ ଖରାଦିନେ ପିଇବା ପାଣି ଟୋପାଏ ପାଇପାରୁ ନାହାନ୍ତି। ଗୃହପାଳିତ ପଶୁଙ୍କ ଅବସ୍ଥା ମଧ୍ୟ ପାଣି ବିନା ସଙ୍କଟାପନ୍ନ ହୋଇପଡ଼ିଛି। ଗତ ପ୍ରାୟ ଦୁଇ ମାସ ହେଲା ଲୋକେ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଆଗକୁ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଗାଁଠାରୁ ପ୍ରାୟ ଏକ କିମି ଦୂରରେ ବୋହିଯାଉଥିବା ଏକ ଜଙ୍ଗଲୀ ନାଳରୁ ଲୋକେ ପାଣି ସଂଗ୍ରହ କରନ୍ତି। ତେବେ ଖରାଦିନେ ସେହି ନାଳର ପାଣି ମଧ୍ୟ ଶୁଖିଯାଉଛି। ତେଣୁ ଦଳ ଦଳ ହୋଇ ମହିଳା ନାଳରେ ଚୁଆ ଖୋଳି ପାଣି ଆଣୁଛନ୍ତି। ଚୁଆରୁ ମଧ୍ୟ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବାରୁ ବାଲଟିଏ ପାଣି ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ମହିଳାଙ୍କ ମଧ୍ୟରେ ପାଣି ପାଇଁ ଝଗଡ଼ା ହେଉଛି। ରାତି ପାହିଲେ ଘରକୁ କେମିତି ପାଣି ଆଣିବେ ସେହି ଚିନ୍ତା। ବର୍ତ୍ତମାନ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ରହୁଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଭଳି ସ୍ଥିତିରେ ଗାଁର ମହିଳାମାନେ ଧୁ ଧୁ ଖରାରେ ଗରା ବାଲ୍ଟିରେ ଚୁଆରୁ ପାଣି ସଂଗ୍ରହ କରି ଆଣୁଛନ୍ତି। ଏହି ଯନ୍ତ୍ରଣାଦାୟକ ଦୃଶ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ସ୍ଥାନୀୟ ସରପଞ୍ଚଙ୍କ କହିବା କଥା, କରଡ଼ାପଡ଼ା ଗାଁ ବହୁ ପୁରୁଣା ଓ ସବୁବେଳେ ଏଠାରେ ପିଇବା ପାଣି ସମସ୍ୟା ଲାଗି ରହିଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଲିଖିତ ଅବଗତ କରାଇଛନ୍ତି। ତେବେ ପ୍ରସ୍ତାବିତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେଲେ କରଡ଼ାପଡ଼ା ଗାଁର ସମସ୍ୟା ଦୂର ହେବ ବୋଲି କହି ଘଟଣାକୁ ଏଡ଼ାଇ ଯାଇଛନ୍ତି। ଅନ୍ୟପଟେ ସତକୋଶିଆ ବ୍ୟାଘ୍ର ପ୍ରକଳ୍ପ କଟକଣା ଯୋଗୁଁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଘୁଞ୍ଚି ଘୁଞ୍ଚି ଯାଉଛି। ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଆଉ କିଛିଦିନ ପରେ ଚୁଆରୁ ମଧ୍ୟ ପାଣି ବାହାରିବ ନାହିଁ। ସେତେବେଳେ ଲୋକଙ୍କ ଅବସ୍ଥା କ'ଣ ହେବ ତାହା ସମୟ ହିଁ କହିବ।

## ୧୧ନଂ ୱାର୍ଡ ବସ୍ତିରେ ଥିବା କମ୍ୟୁନିଟି ସେଣ୍ଟର କାହା ସ୍ୱାର୍ଥରେ



ତାଳଚେର,୫ ।୬(ସମିସ): ତାଳଚେର ପୌରପରିଷଦ ୱାର୍ଡ ନଂ-୧୧ ଚାଳିଆକୁଟା ବସ୍ତିରେ ଥିବା କମ୍ୟୁନିଟି ସେଣ୍ଟର କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସରକାରଙ୍କ ପକ୍ଷରୁ ଲୋକଙ୍କ ହିତ ଦୃଷ୍ଟିରୁ ସହରାଞ୍ଚଳଗୁଡ଼ିକରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି। ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତ ଏପରିକି ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ କାର୍ଯ୍ୟରେ ଲାଗିବା ଉଦ୍ଦେଶ୍ୟରେ ଏହି କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି। କିନ୍ତୁ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଜରିଆରେ ଚାଳିଆକୁଟା ବସ୍ତିରେ ଥିବା ଏହି କମ୍ୟୁନିଟି ସେଣ୍ଟର ଏବେ ଭଡ଼ାଘର ସାଜିଛି। ଫଳରେ ସ୍ଥାନୀୟ ବାସିନ୍ଦା ଏଠାରେ କୌଣସି ମାଙ୍ଗଳିକ କାର୍ଯ୍ୟ କରି ନ ପାରି ଅଧିକ ଖର୍ଚ୍ଚାନ୍ତ ହୋଇ ରାସ୍ତା କଡ଼ରେ ଟେଣ୍ଟଭିଡ଼ି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ମହତ ଉଦ୍ଦେଶ୍ୟରେ ୱାର୍ଡବାସୀଙ୍କ ପାଇଁ ନିର୍ମିତ ଏହି କମ୍ୟୁନିଟି ସେଣ୍ଟର କାହା ଦାୟିତ୍ୱରେ ରହିଛି ଓ ସେ କିପରି ଏହାକୁ ଭଡ଼ାରେ ଲଗାଇଛନ୍ତି ତାହା ତଦନ୍ତ ସାପେକ୍ଷ।

## ପାର୍କିଂ ଜୋନ୍ ପାଲଟିଛି ଟାଉନଥାନା ସମ୍ମୁଖ ରାସ୍ତା



ତାଳଚେର,୫ ।୬(ସମିସ): ତାଳଚେର ଟାଉନଥାନା ସମ୍ମୁଖ ରାସ୍ତା ଏବେ ପାର୍କିଂ ଜୋନ୍ ପାଲଟିଛି। କେବଳ ରବିବାରକୁ ବାଦ୍ ଦେଲେ ଅନ୍ୟ ଦିନମାନଙ୍କରେ ଏହି ରାସ୍ତାରେ ଗହଳିଚହଳି ଲାଗିଥାଏ। ଏହି ରାସ୍ତାଦେଇ ଛୋଟ ପିଲା ଟିଉସନ୍, ସ୍କୁଲ, କଲେଜ, ମାର୍କେଟ ଓ ସକାଳ ୧୦ଟା ବେଳେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକମାନେ ଯାତାୟାତ କରନ୍ତି। ତେବେ ଥାନା ସମ୍ମୁଖରେ ୨ଶହ ମିଟର୍ ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଏଣେତେଣେ ମନଇଚ୍ଛା ପାର୍କିଂ କରୁଥିବାରୁ ରାସ୍ତା ଏକପ୍ରକାର ସଂକୀର୍ଣ୍ଣ ହୋଇଯାଉଛି। ଅପରପକ୍ଷେ, କିଛି ବ୍ୟକ୍ତି ପୌର କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏମାନେ ନିଜ ଗାଡ଼ିଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଉଛି। ପ୍ରଶାସନ ରାସ୍ତା କଡ଼ରେ ପାର୍କିଂ କରିବାକୁ ଜନସାଧାରଣଙ୍କୁ ତାଗିଦ୍ କରୁଥିବା ବେଳେ ଖୋଦ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

**● ବାରୁଆଁ ଫରେଷ୍ଟ ୱାଚ୍ ଟାୱାରରୁ ଚୋରି ମାମଲା**

## ସମଲ ଥାନାରେ ମାମଲା ରୁଜୁ, ତଦନ୍ତ ଜାରି

କଣିହାଁ,୫ ।୬(ସମିସ): କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଥିବା ତାଳଚେର ଉପଖଣ୍ଡ ଫରେଷ୍ଟ ଡିଭିଜନର କୁଲେଇ ପଞ୍ଚାୟତ ବାରୁଆଁ ପାହାଡ଼ ଉପରେ ଅବସ୍ଥିତ ଫରେଷ୍ଟ ୱାଚ୍ ଟାୱାରରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଫରେଷ୍ଟର ଦୀନବନ୍ଧୁ ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।



ଅଭିଯୋଗ ଅନୁଯାୟୀ, ୱାଚ୍ ଟାୱାରରୁ ପ୍ରାୟ ୩୦ଟି ଲୁହା ଆଙ୍ଗେଲ, ୩ଟି ଫ୍ୟାନ, ୩ଟି ବଲ୍‌ବ ଏବଂ ବାର୍ବେଡ୍ ତାର ଚୋରି ହୋଇଛି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ। ତେବେ ଏହି ଘଟଣାରେ ଏକ ନୂଆ ମୋଡ଼ ଆସିଛି। ସମ୍ପୃକ୍ତ ଅଞ୍ଚଳର କିଛି ଭଦ୍ର ବ୍ୟକ୍ତି ସ୍ୱଇଚ୍ଛାରେ ଚୋରି ହୋଇଥିବା ସାମଗ୍ରୀଗୁଡ଼ିକୁ ସମଲ ଥାନାରେ ହସ୍ତାନ୍ତର କରିଥିବା ଥାନା ଆଇଆଇସି ମୃଣାଳ କଲୋ ସୂଚନା ଦେଇଛନ୍ତି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଚୋରି ଘଟଣାରେ କିଏ କିଏ ସମ୍ପୃକ୍ତ ରହିଛନ୍ତି ସେନେଇ ଖୋଳତାଡ଼ କରୁଛି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ଜଗନ୍ନାଥପୁର,୫ ।୬(ସମିସ): ପୁରୁଣାକୋଟ ଥାନା ଜଗନ୍ନାଥପୁର ଗ୍ରାମରେ ଶୁକ୍ରବାର ଅପରାହ୍ଣ ୨ଟାରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଜଗନ୍ନାଥପୁରର ସୁଭଦ୍ରା ସାହୁ (୩୨)। ସୁଭଦ୍ରା ଗାଁ ନିକଟ ଏକ ଆମ୍ବ ବଗିଚାରେ ଆମ୍ବ ଜଗିଥିବା ସମୟରେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିଲା। ଗ୍ରାମବାସୀ ଓ ପରେ ବନବିଭାଗ କର୍ମଚାରୀ ପହଞ୍ଚି ସୁଭଦ୍ରାଙ୍କୁ ଅନୁଗୋଳ ଡାକ୍ତରଖାନା ପଠାଇଛନ୍ତି।

## କ୍ଷୀରୋଦ ସାହୁଙ୍କୁ ପ୍ରକୃତିବନ୍ଧୁ ସମ୍ମାନ




ଅନୁଗୋଳ,୫ ।୬(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ାର ସମାଜସେବୀ କ୍ଷୀରୋଦ ସାହୁଙ୍କୁ ଚଳିତବର୍ଷ ପ୍ରକୃତିବନ୍ଧୁ ସମ୍ମାନ ମିଳିଛି। ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ଅନୁଗୋଳ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆରସିସିଏଫ ସଞ୍ଜୟ ସ୍ୱାଇଁ, ଅନୁଗୋଳ ଡିଏଫଓ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଆଡିସନାଲ ଏସପି ରାଜୀବ ଲୋଚନ ପଣ୍ଡା ଯୋଗଦେଇ କ୍ଷୀରୋଦଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରିବା ସହ ତାଙ୍କ ବ୍ୟାଙ୍କଖାତାକୁ ୧୦ହଜାର ଟଙ୍କା ପ୍ରଦାନ କରି ସମ୍ମାନିତ କରିଥିଲେ। ଦୀର୍ଘବର୍ଷ ହେବ କ୍ଷୀରୋଦ ନିଜେ ଓ ବିଭିନ୍ନ ସଂଗଠନ ସହ ଜଡ଼ିତ ରହି ବିଭିନ୍ନ ସ୍ଥାନରେ ୧୨୮୭୭ଟି ଚାରା ରୋପଣ କରିଥିବାରୁ ୨୦୨୪ରେ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ତାଙ୍କୁ ପ୍ରଶଂସା କରିଥିଲେ। ପୂର୍ବରୁ ୨୦୧୭ରେ ସେ ପ୍ରକୃତିବନ୍ଧୁ ସମ୍ମାନ ପାଇଥିବା ବେଳେ ୨୦୨୬ରେ ଦ୍ୱିତୀୟ ଥର ଏହି ସମ୍ମାନ ପାଇଛନ୍ତି।

## କୁଦଗାଁ ଜୈବବିବିଧତା ପରିଚାଳନା ସମିତିକୁ ପ୍ରକୃତିମିତ୍ର ପୁରସ୍କାର

ଅନୁଗୋଳ,୫ ।୬(ସମିସ): ଅନୁଗୋଳ ଜିଲ୍ଲା କୁଦଗାଁ ଜୈବବିବିଧତା ପରିଚାଳନା ସମିତି (ବିଏମସି)କୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ଅଧକ୍ଷ ଅଭିମନ୍ୟୁ କର୍ଣ୍ଣଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର ଓ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଆର୍‌ସିସିଏଫ୍ ଡ. ସଞ୍ଜୟ କୁମାର ସ୍ୱାଇଁଙ୍କ ଏହି ପୁରସ୍କାର ପ୍ରଦାନ କରିଥିଲେ। କୁଦଗାଁ ଜୈବବିବିଧତା ପରିଚାଳନା ସମିତି ପଞ୍ଚାୟତସ୍ତରୀୟ ଏକ ଜୈବବିବିଧତା ନଥିପତ୍ର ପ୍ରସ୍ତୁତ କରିଥିବା ବେଳେ ଜୈବିକ କୃଷି, ଦେଶୀୟ ପ୍ରଜାତିର ବିହନର ସୁରକ୍ଷା ଓ ପ୍ରୟୋଗ, ଦେଶୀୟ ପ୍ରଜାତିର ଗଛଲତା ଓ ଔଷଧୀୟ ଗଛଲତାର ସୁରକ୍ଷା ଏବଂ ଧାରାବାହିକ ବ୍ୟବହାର, ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ ସହ ସ୍ଥାନୀୟ ନଦୀନାଳ, ପୋଖରୀର ସୁରକ୍ଷା



ଓ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। କୁଦଗାଁର ଦେଶୀୟ ବାଇଗଣ ଓ କନ୍ଦମୂଳ ଚାଷକୁ ଦେଶୀୟ ଢଙ୍ଗରେ କରିଆସୁଥିବା ବେଳେ ସ୍ୱତନ୍ତ୍ର ଭାବେ ଘରଚଟିଆ ପକ୍ଷୀଙ୍କ ସୁରକ୍ଷାରେ ପଦକ୍ଷେପ ନେଇଥିବାରୁ ସରକାରଙ୍କ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ, ଓଡ଼ିଶା ଜୈବବିବିଧତା ବୋର୍ଡ ଟିମ୍, ସ୍ଥାନୀୟ ବନ ବିଭାଗ ସହ ଅନ୍ୟ ସରକାରୀ ବିଭାଗ ଏବଂ ସମସ୍ତ ପଞ୍ଚାୟତବାସୀଙ୍କ ସହଯୋଗ ପାଇଁ ଆମର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିବା ଓ ପୁରସ୍କାର ମିଳିଥିବା ଜୈବବିବିଧତା ସମିତି ଅଧକ୍ଷ କର୍ଣ୍ଣ ପ୍ରକାଶ କରିଛନ୍ତି।

## ୨୦୩୦ ସୁଦ୍ଧା ଜିଲ୍ଲାକୁ ବାଲ୍ୟବିବାହମୁକ୍ତ କରିବାକୁ ରଣନୀତି



ଅନୁଗୋଳ,୫ ।୬(ସମିସ): ୨୦୩୦ ସୁଦ୍ଧା ଅନୁଗୋଳ ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ 'ବ୍ଲାକ୍ ଡାଇମଣ୍ଡ'ରେ ଜିଲ୍ଲାସ୍ତରୀୟ ରଣନୀତି ମୂଳକ କାର୍ଯ୍ୟ ଯୋଜନା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କିଶୋରୀଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ 'ଅଦ୍ୱିକା' କାର୍ଯ୍ୟକ୍ରମ ପରି ଯୋଜନା ବିଷୟରେ କହି ଲୋକେ ସଚେତନ ହେବାକୁ କହିଥିଲେ। ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଜିଲ୍ଲା କାର୍ଯ୍ୟ ଯୋଜନାର ଲକ୍ଷ୍ୟ, ବିଭିନ୍ନ ବିଭାଗର ଦାୟିତ୍ୱ, ନିରୀକ୍ଷଣ-ରିପୋର୍ଟିଂ ପ୍ରଣାଳୀ ଏବଂ ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ସ୍ଥାନୀୟ ପୁଲିସ ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର, କିଶୋରୀ ବାଳିକା ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ୟୁନିସେଫର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଞ୍ଜାମୁରାରେ ସଫେଇ ଅଭିଯାନ

କିଶୋରନଗର,୫ ।୬(ସମିସ): କିଶୋରନଗର ବ୍ଲକ ସଞ୍ଜାମୁରା ଶିବ ମନ୍ଦିର ଓ ନିକଟସ୍ଥ ବଜାର ଅଞ୍ଚଳରେ ବ୍ଲକ ପ୍ରଶାସନ, ଏନ୍‌ଆଇଡବ୍ଲ୍ୟୁସିୱାଇଡି ଓ ପଞ୍ଚାୟତ ପକ୍ଷରୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଏବିଡିଓ ହିମାଂଶୁ ଶେଖର ନାୟକ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ବିଆରସି ଦିଲେଶ୍ୱର ଦେହୁରୀ, ସ୍ଥାନୀୟ ସରପଞ୍ଚ କମଳା ପ୍ରଧାନ, ପିଇଓ ସୁପ୍ରିୟା ମହାନ୍ତି ଏନ୍‌ଆଇଡବ୍ଲ୍ୟୁସିୱାଇଡିର ଅମିୟକାନ୍ତ ଯୋଶୀ, ସୀମାରାଣୀ ସାହୁ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯିବା ସହ ମନ୍ଦିର ଚାରିପାଖ ସଫେଇ କରାଯାଇଥିଲା।



## ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଅନୁଗୋଳ,୫ ।୬(ସମିସ): ଅନୁଗୋଳ ସଭାଗୃହରେ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ହୋଇଛି। ଏଥିରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ବନ କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଏବଂ ପ୍ରକୃତିପ୍ରେମୀମାନେ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସାମୂହିକ ଶପଥ ନେଇଥିଲେ। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଆରସିସିଏଫ ଡ. ସଞ୍ଜୟ କୁମାର ସ୍ୱାଇଁ, ଜିଲ୍ଲାପାଳ ଅବଦାଲ ଏମ୍. ଅଖତର, ଅନୁଗୋଳ ଡିଏଫଓ ନୀତିଶ କୁମାର, ଅତିରିକ୍ତ ଏସ୍‌ପି ସମୀର ପଣ୍ଡା, ଆଇଏଏସ୍ ପ୍ରୋବେସନର ଅଭି ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ଏବଂ ସଂଗଠନକୁ ଯଥାକ୍ରମେ ପ୍ରକୃତିବନ୍ଧୁ ଏବଂ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଲିଉଡ୍ ଅଭିନେତା ହରିହର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କଳାକାର ଗୋଷ୍ଠୀ ଦ୍ୱାରା ଏକ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ନାଟକ ପରିବେଷଣ କରାଯାଇଥିଲା।

## ବଜ୍ରପାତରେ ମୃତକଙ୍କ ପରିବାରକୁ ପୂର୍ବତନ ମନ୍ତ୍ରୀଙ୍କ ସହାୟତା



କିଶୋରନଗର,୫ ।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗାଁରେ କିଛିଦିନ ତଳେ ବଜ୍ରପାତରେ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଉଭୟଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ସାହୁଙ୍କ ସହ ପୂର୍ବତନ ବ୍ଲକ୍ ଅଧକ୍ଷ ମୁନା ନାୟକ, ହଣ୍ଡପା ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ପ୍ରଧାନ, ବରିଷ୍ଠ ବିଜେପି ନେତା ରଞ୍ଜନ ବିଶ୍ୱାଳ, ଗଙ୍ଗାଧର ଜେନା, ଅବଧୂତ ବାରିକ, ନାରଦ ସାହୁ, ରାଜକିଶୋର ପଧାନ, ବିପ୍ର ବେହେରା, ନାରାୟଣ ସାହୁ, ବୀର ସାହୁ, ଧୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱରୁ ଏନଜିଓକୁ ହଟାଇବା ଦାବିରେ ଧାରଣା

ପାଲଲହଡ଼ା,୫ ।୬(ସମିସ): ଦୀର୍ଘବର୍ଷ ହେବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ଚଳେଇ ପାରିଲେ ନାହିଁ। ଶେଷରେ ପରିବର୍ତ୍ତନ ନାମକ ଏକ ଏନଜିଓ ସଂସ୍ଥାକୁ ଟେକିଦେଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମ୍ପତ୍ତି, କାଗଜପତ୍ର ଓ ଉପକରଣକୁ ଗତ ୧ ତାରିଖ ଉକ୍ତ ଏନଜିଓକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ସେହିଦିନଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ତ୍ରୁଟି ଦେଖାଦେଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏନଜିଓ ସଂସ୍ଥା ନେବା ପରଠୁ ଏଠାରେ କେହି ବି ଡାକ୍ତର ଯୋଗ ଦେଇନାହାନ୍ତି। କେବଳ ଜଣେ ଅନଭିଜ୍ଞ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଜିଏନଏମ ଓ ଜଣେ ଏଏନଏମଙ୍କୁ ନେଇ ସଂସ୍ଥା ସ୍ୱାସ୍ଥ୍ୟକେନ୍ଦ୍ର ଚଳାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରି ଆସୁଛନ୍ତି। ଶୁକ୍ରବାର ଏହି ଘଟଣାକୁ ନେଇ ୩ଶହରୁ ଊର୍ଦ୍ଧ୍ୱ ଆଦିବାସୀ



ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଦିନତମାମ ଡାକ୍ତରଖାନା ସମ୍ମୁଖରେ ବସିରହି ସରକାର ବିରୋଧୀ ନାର ଦେବା ସହ ଉକ୍ତ ଏନ୍‌ଜିଓକୁ ହଟାଇ ପୂର୍ବପରି ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱ ନିଅନ୍ତୁ ବୋଲି ଅଡ଼ି ବସିଥିଲେ। କାହିଁକି ଓ କାହା ସ୍ୱାର୍ଥରେ ଏକ ଘରୋଇ ସଂସ୍ଥା ହାତରେ ସରକାରୀ ଡାକ୍ତରଖାନାକୁ ଟେକିଦିଆଗଲା ବୋଲି ପ୍ରଶ୍ନ କରିଥିଲେ। ଆଦିବାସୀ ନେତା ଲକ୍ଷ୍ମଣ ହେମ୍ବ୍ରମ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶେଷରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ତାଙ୍କ ବାସଭବନରେ ଭେଟି ପାଞ୍ଚଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଯଦି ସରକାର ଦାବିଗୁଡ଼ିକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଆନ୍ଦୋଳନକୁ ବ୍ୟାପକ କରାଯାଇ ରାଜଧାନୀରେ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ୱାକୋ ଇଣ୍ଡିଆ ଜୁନିୟର ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍
# ଢେଙ୍କାନାଳ ଦଳକୁ ୫ ପଦକ



ଢେଙ୍କାନାଳ, ୫।୬(ସମିସ)

ଖୋର୍ଦ୍ଧାରେ ଅନୁଷ୍ଠିତ କେଟି ଗ୍ଲୋବାଲ ସ୍କୁଲର କେଟି କ୍ୟାମ୍ପସରେ ମେ ୩୦ରୁ ଜୁନ ୩ ପର୍ଯ୍ୟନ୍ତ ୱକୋ ଇଣ୍ଡିଆ ଜୁନିୟର ନେସନାଲ କିକ୍ ବକ୍ସିଂ ଚାମ୍ପିୟନସିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଆମେଚର କିକ୍ ବକ୍ସିଂ ଆସୋସିଏସନ୍ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଅନୁକୂଲ୍ୟରେ ଆୟୋଜନ କରିଥିଲେ। ଏଥିରେ ଢେଙ୍କାନାଳ ଡାଇମଣ୍ଡ କିକବକ୍ସିଂ ଆସୋସିଏସନ୍‌ର ଖେଳାଳିମାନେ ମୋଟ ୫ ପଦକ ହାସଲ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ୨ଟି ରୌପ୍ୟ ଏବଂ ୨ଟି ବ୍ୟକ୍ତିଗତ ସହ ଗୋଟିଏ ଦଳଗତ କାଂସ୍ୟ ପଦକ ରହିଛି। ମମତା ଭୋଇ ୫୫ କେଜି କିକ ଲାଇଟ୍‌ରେ ରୌପ୍ୟ, ହରପ୍ରିୟା ବେହେରା +୭୦ କେଜି କିକ୍ ଲାଇଟ୍‌ରେ ରୌପ୍ୟ ଓ ପଏଣ୍ଟ ଫାଇଟରେ କାଂସ୍ୟ, ପ୍ରାଚୀ ପ୍ରଜ୍ଞା ନାୟକ-୪୮ କେଜି କେ ୱାନ ଫାଇଟ୍ ରେ କାଂସ୍ୟ, ଶୁଭଶ୍ରୀ ବେହେରା, ଆଦ୍ୟାସ୍ମିତା ବିଶ୍ୱାଳ, ମମତା ଭୋଇ ଓ ହରପ୍ରିୟା ବେହେରା ଦଳଗତ ପଏଣ୍ଟ ଫାଇଟରେ କାଂସ୍ୟ ପଦକ ହାସଲ କରିଛନ୍ତି। କୀର୍ତିରାଣୀ ସହୁ ଓଡ଼ିଶା ଟିମ୍ କୋଚ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହି ଅବସରରେ ଢ଼େଙ୍କାନାଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟନିଧି ପାତ୍ର, ଆମେଚର୍ କିକ ବକ୍ସିଂ ଆସୋସିଏସନ୍‌ର ସଭାପତି କାର୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତିରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଧ୍ୟକ୍ଷ ଅରବିନ୍ଦ ବେହେରା, ଜିଲ୍ଲାର ସମସ୍ତ ସଦସ୍ୟ ଓ ସିନିଅର ଖେଳାଳୀମାନେ ଏହି ଖେଳାଳୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜାଣିଛନ୍ତି।

# ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ମନୋଜ



**ଗଁଦିଆ, ୫।୬(ସମିସ):** ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଏବଂ ପ୍ରକୃତି ପ୍ରତି ଜନ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଁଦିଆ ବ୍ଲକ ଅନ୍ତର୍ଗତ କାବରା ଗ୍ରାମର ପରିବେଶ ପ୍ରେମୀ ମନୋଜ କୁମାର ମହାନ୍ତିଙ୍କୁ ସମ୍ମାନ ଜନକ 'ପ୍ରକୃତି ବନ୍ଧୁ ପୁରସ୍କାର' ପ୍ରଦାନ କରାଯାଇଅଛି। ଅନୁଗୁଳର ଆରସିସିଏଫ୍ ଡ଼ା ସଞ୍ଜୟ କୁମାର ସ୍ୱାଇଁ, ଢେଙ୍କାନାଳର ଡିଏଫ୍ଓ ଲଳିତ କୁମାର ପାତ୍ର ଓ ଆଠଗଡ଼ର ଡିଏଫ୍ଓ ଅନୁରାଗ ମିଶ୍ରଙ୍କଠାରୁ ଅର୍ଥ ରାଶି ସହିତ ସାର୍ଟିଫିକେଟ ପ୍ରାପ୍ତ କରିଛନ୍ତି। ମନୋଜ କୁମାର ମହାନ୍ତି ଦୀର୍ଘଦିନ ଧରି ବିଭିନ୍ନ ସାମାଜିକ ଓ ପରିବେଶଭିତିକ କାର୍ଯ୍ୟକ୍ରମ ସହ ଜଡ଼ିତ ରହିଆସୁଛନ୍ତି। ତାଙ୍କର ଉଦ୍ୟମରେ କାବରା ଗ୍ରାମରେ ଅନେକ ଯୁବକ ଓ ଗ୍ରାମବାସୀ ପରିବେଶ ସୁରକ୍ଷା ପ୍ରତି ଆକୃଷ୍ଟ ହୋଇ ସାମିଲ ହୋଇଛନ୍ତି। ଏହି ଅବସରରେ ମନୋଜ କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କର ଏକ ନୈତିକ କର୍ତ୍ତବ୍ୟ। ସେ ପାଇଥିବା ଅର୍ଥରାଶିକୁ ନିଜ ଗ୍ରାମର ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ନିୟୋଜନ କରିବେ। ବର୍ତ୍ତମାନ ସେ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଶିକ୍ଷକ ଭାବେ କାର୍ଯ୍ୟରତ। ଏହି ସଫଳତାରେ ତାଙ୍କ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ଯୁବବର୍ଗ ଓ ଶୁଭେଚ୍ଛୁ ମାନେ ଆନନ୍ଦ ବ୍ୟକ୍ତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବଦଳିବ ନୂଆପାଟଣା ସ୍କୁଲ ରୂପରେଖ

**ହିନ୍ଦୋଳ, ୫।୬(ସମିସ):** ହିନ୍ଦୋଳ ବ୍ଲକର ରାସୋଳ ପଞ୍ଚାୟତର ନୂଆପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହେବ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ। ହିନ୍ଦୋଳ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଏହି ସ୍କୁଲର ନାମ ବଦଳିବ ବୋଲି ସୂଚନା ଦେଲେ ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ। ଏହି ଅବସରରେ ନୂଆପାଟଣା ସ୍କୁଲ୍ ପରିସରରେ ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ହିନ୍ଦୋଳ ବିଇଓ ଶ୍ରୀ ଦେହୁରୀଙ୍କ ସହ ୩ଜଣ ଏବିଇଓ ଯୋଗଦେଇଥିଲେ। ଏଥିରେ ଶିକ୍ଷା କମିଟିର ସଭାପତି ରବିନାରାୟଣ ପୃଷ୍ଟି, ସମ୍ପାଦକ ଅଖିଳ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ମନୋରଞ୍ଜନ ପୃଷ୍ଟି ଓ ସାମ୍ବାଦିକ ବିକ୍ରମ ସାହୁଙ୍କ ସମେତ ୩୧ଜଣ ସଦସ୍ୟ/ସଦସ୍ୟା ଏବଂ ଆଖପାଖ ଅଞ୍ଚଳର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆସନ୍ତା ୭ତାରିଖ ରବିବାର ଦିନ ଉପଜିଲ୍ଲାପାଳଙ୍କ ଦ୍ୱାରା ଏହାର ଶିଳାନ୍ୟାସ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ହିନ୍ଦୋଳ ବ୍ଲକର ଏହା ଏକମାତ୍ର ଏବଂ ପ୍ରଥମ ବିଦ୍ୟାଳୟ ହୋଇଥିବାବେଳେ ଓଡ଼ାପଡ଼ା ବ୍ଲକର ୩ଗୋଟି ବିଦ୍ୟାଳୟ ମିଶି ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ମୋଟ୍ ୪ଗୋଟି ବିଦ୍ୟାଳୟରେ ପଣ୍ଡିତ ଆଦର୍ଶ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ସ୍ଥାପନା ପାଇଁ ସରକାରୀ ମଞ୍ଜୁର ହୋଇଛି।

**ହେବ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ**

# ରାଜେଶ କୁମାର ଦେହୁରୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



**କାମାକ୍ଷାନଗର, ୫।୬(ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ କପିଳାସ ରେଞ୍ଜ କାର୍ଯ୍ୟାଳୟ ଠାରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି।ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୁଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ଃ ସଞ୍ଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଆଠଗଡ଼ ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ଯୋଗ ଦେଇଥିଲେ।ଆଜି ବିଶ୍ୱ ପରିବେଶ ଦିବସ ଅବସରରେ କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ଗ୍ରାମର ପରିବେଶବିତ ରାଜେଶ କୁମାର ଦେହୁରୀଙ୍କୁ ଶ୍ରୀ ସ୍ୱାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରିଥିଲେ। ଶ୍ରୀ ଦେହୁରୀ ଦୀର୍ଘ ବର୍ଷ ହେଲାଣି ବୃକ୍ଷ ରୋପଣ, ବନାଗ୍ନି ପ୍ରତିରୋଧ, ପରିବେଶ ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ଆଜି ବିଶ୍ୱ ପରିବେଶ ଦିବସରେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ଗ୍ରାମ, ଅନୁଷ୍ଠାନରେ ପହଞ୍ଚି ବିଭିନ୍ନ ପ୍ରକାର ବୃକ୍ଷ ରୋପଣ ଭଳି ମହତ୍ତ୍ୱପୂର୍ଣ୍ଣ କାମ କରିଛନ୍ତି।ହାତୀ ସୁରକ୍ଷିତ ରହିଲେ ଜଙ୍ଗଲ ରକ୍ଷା ପାଇବ ସେଥିପାଇଁ ହାତୀ ସୁରକ୍ଷା ଉପରେ ଅନେକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଶ୍ରୀ ଦେହୁରୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେବାପରେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପ୍ରକୃତି ବନ୍ଧୁ ପୁରସ୍କାର ହେବାପରେ ବନ୍ୟଜନ୍ତୁ ସୁରକ୍ଷା, ବୃକ୍ଷ ରୋପଣ କରି ଜଙ୍ଗଲ ରକ୍ଷା କରିବା, ହାତୀ ସୁରକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ଦେହୁରୀ କହିଛନ୍ତି।

# ମାର୍ବଲ ମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘର ଧାରଣା




**ଢେଙ୍କାନାଳ, ୫।୬(ସମିସ):** ସ୍ଥାନୀୟ ମାର୍ବଲ ମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ତରଫରୁ ଧାରଣା ଦିଆଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ମିସ୍ତ୍ରି ଯୋଗଦେଇଛନ୍ତି।ଧାରଣା ୬ ଦିନ ଧରି ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଧାରଣାରେ ମୁଖ୍ୟ ଉଦ୍ଦେଶ୍ୟ ସରକାର ଲେବର ମିସ୍ତ୍ରିମାନଙ୍କ ବଢ଼ାଇଥିବା ମଜୁରି ବାବଦକୁ ନେଇ ମିସ୍ତ୍ରିମାନେ ଏହି ଧାରଣାର ନିଷ୍ପତ୍ତି ନେଇଛନ୍ତି। ଢେଙ୍କାନାଳ ମାର୍ବଲ ମିସ୍ତ୍ରି ସଂଘର ରେଜିଷ୍ଟ୍ରେସନ ପାଇଁ ପ୍ରଶାସନ ସହଯୋଗ କରିବା ସହ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି, ନୂତନ ସଭାଗୃହ ନିର୍ମାଣ ପାଇଁ ଅନୁମୋଦନ ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି। ଧାରଣାରେ ସଭାପତି ବିଦୁର ନାୟକ, ଉପସଭାପତି ରାଜୀବ କୁମାର ସାହୁ, ସମ୍ପାଦକ ବରୁଣ କୁମାର ଜେନା, ସହ ସମ୍ପାଦକ ବାରୁନେନ୍ଦ୍ର ବରାଳ, କୋଷାଧ୍ୟକ୍ଷ ଦିପୁ ଦଲେଇ, ପ୍ରଭାତ ସାହୁ, ମହେଶ୍ୱର ବେହେରାଙ୍କ ସମେତ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

# ସରପଞ୍ଚଙ୍କ ଭଉଣୀ ହାତେଇଲେ 'ଆବାସ'

**ଢେଙ୍କାନାଳ, ୫।୬(ସମିସ):** ସଦରବ୍ଲକ ଅନ୍ତର୍ଗତ କୋତମ ପଞ୍ଚାୟତ କୋଟବେରେଣା, ଜରିପାଳ, ସାନନଡ଼ବ ଆଦି ଗ୍ରାମରେ ଥିଲାବାଲାଙ୍କୁ ମିଳୁଛି ଅନ୍ତ୍ୟୋଦୟ ଯୋଜନାରେ ଘର। ସରପଞ୍ଚଙ୍କ ଭଉଣୀଙ୍କ ନାମରେ ଘର ଆସିଥିବା ବେଳେ ଏହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। କୋତମ ପଞ୍ଚାୟତର ସମିତି ସଭ୍ୟା ଅନିତା ରାଉଳଙ୍କ ସହ ଅନ୍ୟମାନଙ୍କ ଅଭିଯୋଗ ଅନୁସାରେ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଜରିପାଳ, କୋଟ ବେରେଣା, କୋତମ, ସାନନଡ଼ବ ଖଇରା ସାହିରେ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ଆସିଥିବା ଘରଗୁଡ଼ିକ କେବଳ ଥିଲାବାଲା ଏବଂ ପ୍ରଭାବଶାଳୀ, ରାଜନୈତିକ ଲୋକ, ବଡ଼ବଡ଼ ଅଟ୍ଟାଳିକା ଥିବା ଲୋକଙ୍କ ପାଇଁ ଚୟନ କରାଯାଇଛି। କିନ୍ତୁ ସାଧାରଣ ଗରିବ, ବିଧବା, ବାସହୀନ ଲୋକମାନେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ସରପଞ୍ଚଙ୍କ ଭଉଣୀ ପ୍ରଭାତୀ ସାମଲ ମଧ୍ୟ ଘର ପାଇଥିବା ଗ୍ରାମବାସୀ ଅଭିଯୋ ଗ କରିଛନ୍ତି। ଏହାର ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।

**ଜିଲ୍ଲାପାଳଙ୍କୁ ଅଭିଯୋଗ**

# ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



**ଢେଙ୍କାନାଳ, ୫।୬(ସମିସ):** ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ଇନସ୍ପାୟାର୍ଡ ବାଇ ନେଚର୍ ଫର୍ କ୍ଲାଇମେଟ୍ ଫର୍ ଆଓର୍ ଫ୍ୟୁଚର୍। ଏହି ଅବସରରେ କମ୍ପାନୀ ପରିସରରେ ଚାରା ରୋପଣ, ପଦଯାତ୍ରା, ସଚେତନତା କାର୍ଯ୍ୟକ୍ରମ, ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପରିବେଶ ସୁରକ୍ଷାପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଟିଏସଏମ କଲୋନୀ ପରିସରରେ ଏକ 'ପଦଯାତ୍ରା' ପରିବେଶ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ କମ୍ପାନୀର କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏକତ୍ରିତ ହୋଇ ପରିବେଶ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଭାଇସ ପ୍ରେସିଡେଣ୍ଟ, ସୁଧୀର ମେହେତା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଟିଏସଏମ ପକ୍ଷରୁ ପ୍ଲାଣ୍ଟ ପରିସରରେ ବିଭିନ୍ନ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ୨୨୦୦ରୁ ଅଧିକ ଚାରାରୋପଣ କରାଯାଇଛି। ବ୍ୟାପକ ଚାରାରୋପଣ ବ୍ୟତୀତ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସପ୍ତାହ ଆରମ୍ଭରୁ କଲୋନୀରେ ରହୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ କର୍ମଚାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ପରିବେଶ ସୁରକ୍ଷା ତଥା ସ୍ଥାୟୀ ଜୀବନଶୈଳୀ ଆପଣାଇବା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ଟାଟା ଷ୍ଟିଲ ପକ୍ଷରୁ ଜୁନ୍ ମାସକୁ ଦୀର୍ଘସ୍ଥାୟୀତ୍ୱ ମାସ ଭାବେ ପାଳନ କରାଯାଉଥିବାରୁ ଏହି ଭଳି କାର୍ଯ୍ୟକ୍ରମଗୁଡ଼ିକ ମାସବ୍ୟାପୀ ଚାଲିବ।

# ଲୋକନାଥଙ୍କ ନିର୍ବନ୍ଧ ସମ୍ପନ୍ନ, ୧୮ ରେ ବିବାହ



**ଢେଙ୍କାନାଳ, ୫।୬(ସମିସ):** ସ୍ଥାନୀୟ ୮ନଂ ୱାର୍ଡ ଅନ୍ତର୍ଗତ ମହିଷାପାଟସ୍ଥିତ ଶ୍ରୀଲୋକନାଥ ମନ୍ଦିର ପରିସରରେ ମହାଦେବଙ୍କ ନିର୍ବନ୍ଧ ଉତ୍ସବ ପାରମ୍ପରିକ ରୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବରପିତା ଶରତ ଚନ୍ଦ୍ର ଦାସ ଓ କନ୍ୟାପିତା ହୃଷୀକେଶ ବାରିକଙ୍କ ଉପସ୍ଥିତିରେ ଏହି ଶୁଭକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆସନ୍ତା ଜୁନ୍ ୧୮ରେ ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପୁରୋହିତ ସୁଧାଂଶୁ ଶତପଥୀ ବୈଦିକ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ପୂଜକ ସଞ୍ଜୟ ନନ୍ଦ ଓ ପ୍ରସାଦ ଦାଶ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ନବ କିଶୋର ମିଶ୍ର, ସମ୍ପାଦକ ନୀଳମଣି କର, ଦୀପୁ ସାମନ୍ତ, ବସନ୍ତ ସାହୁ, ଦୁଃଶାସନ ନାୟକ, କୋଷାଧ୍ୟକ୍ଷ ପୀତବାସ ନନ୍ଦ, କୈଳାଶ ଚନ୍ଦ୍ର ବେହେରା, ହିମାଂଶୁ କୁମାର ପରିଜା, ଧୀରେନ୍ଦ୍ର ସାମନ୍ତ, ପାଣ୍ଡବ ଭୋଇ ଓ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ନିର୍ବନ୍ଧ ଉତ୍ସବକୁ ନେଇ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ଶିକ୍ଷକଙ୍କ ଏକାଦଶାହରେ ସ୍ମୃତିସଭା




**ଗଁଦିଆ, ୫।୬(ସମିସ):** ଗଁଦିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାସୁମନ ଅର୍ପଣ ଓ ସ୍ମୃତିସଭା ଗଁଦିଆ ସ୍ମୃତି ସଂସଦ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଝାରଦା ଗ୍ରାମରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ତଥା ସାହିତ୍ୟିକ ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ବିଶିଷ୍ଟ ଅତିଥି ଭାବେ ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ତଥା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଗଁଦିଆ ସ୍ମୃତି ସଂସଦ ଉପସଭାପତି ଡମ୍ବରୁଧର ସେଠୀ, ସମ୍ପାଦକ ତଥା ଯୁବ ସମାଜସେବୀ ତାପସ କୁମାର ରାଉତ, ସଂଯୋଜକ ଅଭିମନ୍ୟୁ ଦାସ, ଷଡ଼ଙ୍ଗୀ ଶ୍ରୀଧରସ୍ୱାମୀ ଶିକ୍ଷା ବୈଷୟିକ ମହାବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ପ୍ରମୋଦ କୁମାର ବେହେରା, ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝା, ଗିରିବୟ ଗିରିଧାରୀ ଭାଗବତ ମହିଳା ଗୋଷ୍ଠୀ ଝାରଦା ଗାୟିକା ଯଶୋଦା ସାହୁ, ଭାରତୀ ଗୁରୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ପୁତୁରା କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ପୁଅ ମକର କେତନ ସାହୁ, ମୀନକେତନ ସାହୁ, ମିତ୍ର ବରୁଣ ସାହୁ, ଝିଆରୀ ସତ୍ୟଭାମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୱାଇଁ ଅଭୟ କୁମାର ଦାସ, ପତିତପାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦଦୋକାନ ଉଚ୍ଛେଦ ପାଇଁ ଦାବିପତ୍ର



**କାମାକ୍ଷାନଗର, ୫।୬(ସମିସ):** କାମାକ୍ଷାନଗର ସହରର ରେକୁଲା ଗ୍ରାମ ନିକଟରେ ଥିବା ବିଦେଶୀ ମଦଦୋକାନ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ନୂଆରେକୁଲା ଗ୍ରାମବାସୀ। ତୁରନ୍ତ ପ୍ରଶାସନ ଉକ୍ତ ମଦଦୋକାନ ବନ୍ଦ କରାଇବା ପାଇଁ ଦାବି କରିଛନ୍ତି। କାମାକ୍ଷାନଗର ସହରରେ ଥିବା ଏକମାତ୍ର ମଦଦୋକାନ ରେକୁଲା ନିକଟରେ ରହିଛି। ସେହି ରାସ୍ତା ଦେଇ ଗ୍ରାମର ଛାତ୍ରଛାତ୍ରୀ, ମହିଳା, ଜନସାଧାରଣ ପ୍ରତ୍ୟେକ ଦିନ କାମାକ୍ଷାନଗର ସହରକୁ ଆସୁଥିବା ବେଳେ ମଦ୍ୟପଙ୍କ ଉତ୍ପାତ ଯୋଗୁଁ ସମସ୍ତେ ଭୟଭୀତ ଅବସ୍ଥାରେ ଅଛନ୍ତି। ମଦଦୋକାନ ରାସ୍ତା ପାର୍ଶ୍ୱରେ ରହିଥିବା ବେଳେ ଅନେକ ସମୟରେ ସେଠାରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁଁ ବହୁ ସମୟରେ ସ୍କୁଲ, କଲେଜ ଛାତ୍ରୀମାନେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରୁଛନ୍ତି। ମଦଦୋକାନକୁ ଏଠାରୁ ଉଠାଇବା ପାଇଁ ଅନେକ ସମୟରେ ସହରବାସୀ ଦାବି କରୁଥିବା ବେଳେ ଆଜି ନୂଆରେକୁଲା ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ କାମାକ୍ଷାନଗର ଅବକାରୀ ବିଭାଗକୁ ଜଣାଇଥିବା ବେଳେ ଲୋକଙ୍କ ଅସୁବିଧାକୁ ବୁଝି ସମାଧାନ କରାଯିବା ବୋଲି ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି କହିଛନ୍ତି।

# ଜଳିଗଲା ୮ ବଖରା ଘର

**ଭୁବନ, ୫।୬(ସମିସ):** ଭୁବନ ବ୍ଲକ କନ୍ହେଇପାଳ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ବାଉରିବନ୍ଧୁ ସାହୁ ଓ ତାଙ୍କ ଦୁଇ ପୁଅ ସମିର ସାହୁ ଏବଂ ଶିଶିର ସାହୁଙ୍କ ଘର ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଭୁବନ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡରେ ଘରର ଆସବାସପତ୍ର ସହିତ ଧାନ ଚାଉଳ ଓ ସୁନାରୁପା ଅଳଙ୍କାର ନଷ୍ଟ ହୋଇଛି।

# ବ୍ରହ୍ମାନନ୍ଦ ମହାରାଜଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ, ୫।୬(ସମିସ):** ସ୍ଥାନୀୟ ଯାଉଁଳି ପୋଖରୀ ମଠ ମହନ୍ତ ବ୍ରହ୍ମାନନ୍ଦ ମହାରାଜଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ତାଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ଉକ୍ତ ଶୋକସଭାରେ ସଦସ୍ୟ ଅମ୍ବୁଜ ଭୂଷଣ ଶତପଥୀ, ଶ୍ରୀକାନ୍ତ ସାହୁ, ପ୍ରତାପ ପତି, ସଦାନନ୍ଦ ଦଳାଇ, ବୈକୁଣ୍ଠ ବିହାରୀ ବେହେରା, ତରୁଣ କୁମାର ବିଶ୍ୱାଳ, ଗତିକୃଷ୍ଣ ମହାପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ଉପେନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ମହାପାତ୍ର, ବିପିନ୍ ବିହାରୀ ବେହେରା, ନିରଞ୍ଜନ ଖୁଣ୍ଟିଆ, ରସାନନ୍ଦ ବେହେରା, ପ୍ରଦୀପ କୁମାର ନନ୍ଦ, ଗୋକୁଳାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୌରଶକ୍ତି ସମ୍ପର୍କିତ ସଚେତନତା

ଢେଙ୍କାନାଳ, ୫।୬(ସମିସ)

ଭାରତ ଓ ଦକ୍ଷିଣ ଏସିଆ ମିଳିତ ଭାବେ ଏକ କ୍ଲାଇମେଟ୍ ରିଆଲିଟି ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି। ଯାହାର ନାମ ବିଶ୍ୱବ୍ୟାପୀ କାର୍ଯ୍ୟ ସପ୍ତାହ। ଏହା ଜୁନ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଏବଂ ବିଶ୍ୱ ପରିବେଶ ଦିବସ ଅବସରରେ ଦିଲ୍ଲୀ ପବ୍ଲିକ ସ୍କୁଲ ଢେଙ୍କାନାଳର ଛାତ୍ରଛାତ୍ରୀମାନେ ଗଣେଶ ବଜାର ସ୍ଥିତ ଗୋପବନ୍ଧୁ ଟାଉନ୍ ହଲ୍ ସମ୍ମୁଖରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବା ପାଇଁ ଲୋକମାନଙ୍କର ଭିଡ଼ ଜମିଥିଲା। ଏହି ନାଟକ ମାଧ୍ୟମରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ପରିଚାଳନା କରିବା ଓ ସୌରଶକ୍ତିକୁ ଆପଣେଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଲୋକମାନେ ବିଦ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ହେଉଛି 'ପ୍ରକୃତିର ପ୍ରେରଣାରେ ଜଳବାୟୁର ସୁରକ୍ଷା ପାଇଁ ଓ ଆମ ପ୍ରକୃତି ପାଇଁ'। କୈବଲ୍ୟ ବଜାରସ୍ଥିତ ବଳରାମ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ଏନସିସି ତଥା ଇକୋ କ୍ଲବ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ସହିତ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ପିଲାମାନଙ୍କ ସହିତ ମିଶି ସଫେଇ କାର୍ଯ୍ୟ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଡିପିଏସ୍ ପରିବାରର ପରିବେଶ ସୁରକ୍ଷା ପାଇଁ ଏହିପରି ସଚେତନତାଧର୍ମୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକ ଖୁବ୍ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ, ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ଡାଇରେକ୍ଟର ଲଗ୍ନଜିତ୍ ଦାଶ ତଥା ପ୍ରଶାସନିକ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପରିବେଶ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଗୁଡିକ ଶୃଙ୍ଖଳାର ସହିତ ସାଫଲ୍ୟମଣ୍ଡିତ ହୋଇପାରିଥିଲା।



